# OSSC CGL (Mains)

## Previous Year Paper

### (OL & GE)

### 23 July, 2023

**Code No. ................................** **Roll No. ................................**

**(To be filled up by the Office)**

4352

# 2023

# OL & GE

## PAPER – I & II

**Question-cum-Answer Booklet**

**Main Written Examination for the Post of ........................................................**

**This booklet contains 24 pages.**

**Time : $2\frac{1}{2}$ hours** **Full Marks : 50+50 = 100**

### : INSTRUCTIONS FOR CANDIDATES :

1. Write your ROLL NUMBER prominently at the space provided at the top right-hand corner.
2. Leave the Code No. blank.
3. Before using this question-cum-answer booklet, please verify the defects, if any (omission/detachment of pages/torn/mutilation etc.) and in case of any such defect, bring it to the notice of the Invigilator. In such a case, Invigilator shall replace the booklet with a new one. No claim shall be entertained after using the booklet.
4. Do not write your name, surname/address etc. on the answer book. Any such act will render the answer sheet unfit for evaluation.
5. Write the answers below each question only within the space provided for the purpose. No additional paper will be provided.
6. In case of questions relating to filling up the blanks, candidates are required to write their answers within the blank space provided for the purpose.
7. Do not remove any part of this book.
8. Do not put any symbol, sign, slogan, prayer or any mark of identification in any part of the answer book.
9. Candidate should check before writing answers that the INVIGILATOR HAS SIGNED at the appropriate place on the cover page of the question-cum-answer booklet. In case of omission, the candidate should draw the attention of the Invigilator immediately.
10. Hand over this question-cum-answer booklet personally to the Invigilator, immediately after the examination is over.
11. Mobile Phone **or** any Communication Devices like Bluetooth, Earphones, Microphone, Pager, Wrist watch, Health band or any other Wrist band, metallic item etc. (which could be used for unfair means for hiding communication devices like Camera, Bluetooth devices etc.) is not allowed inside the Examination Hall. Any candidate who will be found in possession of Mobile Phone or any other electronic communication devices as above inside the Examination Hall is liable to be prosecuted as per the prescribed law and the candidature shall be cancelled.
12. Violation of the above instructions shall **entail disqualification of the candidature**.

SEAL

**INVIGILATOR'S SIGNATURE & DATE :**

## EXAMINER'S EVALUATION

| Paper (I) (ODIA) | | | Paper (II) (ENGLISH) | | |
|---|---|---|---|---|---|
| Groups | Marks | Marks in words | Groups | Marks | Marks in words |
| Group – A | | | Group – A | | |
| 1(a) | | | 1. | | |
| 1(b) | | | 2. | | |
| 1(c) | | | 3. | | |
| Group – B | | | Group – B | | |
| Group – C | | | Group – C | | |
| Group – D | | | | | |
| Total | | | Total | | |

Grand Total marks (Paper-I) + (Paper-II) =

Grand Total marks (in words)
(Paper-I) + (Paper-II) =

**EXAMINER** **SCRUTINIZER** **CHIEF-EXAMINER**

# 2023
# OL
## PAPER – I

*ସମୟ : ୧$\frac{୧}{୪}$ ଘଣ୍ଟା*

*ପୂର୍ଣ୍ଣ ସଂଖ୍ୟା : ୫୦*

*ପରୀକ୍ଷାର୍ଥୀମାନେ ଯଥାସମ୍ଭବ ନିଜ ଭାଷାରେ ଉତ୍ତର ଦେବେ ।*

*ଡାହାଣ ପାର୍ଶ୍ୱରେ ଦିଆଯାଇଥିବା ସଂଖ୍ୟାଗୁଡ଼ିକ ମୂଲ୍ୟାଙ୍କ ସୂଚାଉଛି ।*

*ସମସ୍ତ ବିଭାଗରୁ **ସମସ୍ତ** ପ୍ରଶ୍ନର ଉତ୍ତର ଦିଅ ।*

## GROUP – A

୧. (a) ନିମ୍ନ ଅନୁଚ୍ଛେଦଟି ପାଠ କରି ଏଥି ସହ ସଂଯୁକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଦିଅ । **୧×୫ = ୫**

ସ୍ୱାଧୀନ ଭାବରେ କୌଣସି କଥା ଚିନ୍ତା ନ କରି ଶୁଣିଥିବା କିମ୍ବା ପ୍ରଚଳିତ କଥାକୁ ଗ୍ରହଣକରି ତାହା ପ୍ରକାଶ କରିବା ଅଜ୍ଞତାର ପରିଚୟ ଦିଏ । ଶିକ୍ଷିତ ଯୁବକମାନଙ୍କର ଉଦାସୀନ ମନୋଭାବ, ଅଭ୍ୟାସର ମୋହ ତଥା କୁସଂସ୍କାର ପ୍ରତି ଅହେତୁକ ଦୁର୍ବଳତା ତାର ସ୍ୱାଧୀନ ଚିନ୍ତନ ଶକ୍ତିକୁ ଦୁର୍ବଳ ଅଥବା ପଙ୍ଗୁ କରିଦିଏ । ଏହା ସମାଜ ଜୀବନ ଏବଂ ରାଷ୍ଟ୍ରପାଇଁ ଶୁଭଙ୍କର ନୁହେଁ । ତେଣୁ ମଣିଷ ତା'ର ଈଶ୍ୱରଦତ୍ତ ଚେତନାକୁ ଆଧାରକରି ଭଗବତ୍ ବିଶ୍ୱାସପୂର୍ବକ ନିର୍ଭୀକଭାବେ ସ୍ୱାଧୀନ ମତ ପୋଷଣ କରିବା ଉଚିତ । ଏହାଦ୍ୱାରା ସମାଜରେ ସତ୍ୟ, ଧର୍ମ ଓ ନ୍ୟାୟ ପ୍ରତିଷ୍ଠିତ ହୋଇପାରିବ । ଆମେ ବିଜ୍ଞାନ ଯୁଗରେ ପହଞ୍ଚିଥିଲେ ମଧ୍ୟ ବିଜ୍ଞାନର ବହୁ ଉପାଦେୟ ମୂଲ୍ୟବୋଧ ପ୍ରତି ଦୃଷ୍ଟି ଦେଉନାହୁଁ । ଅଥଚ ବହୁ ପ୍ରାଚୀନ କାଳରେ ମୁନିଋଷିମାନେ ଅରଣ୍ୟର ନିର୍ଜନ କୋଳରେ ବସି ଯାହା ଅନୁଭବ କରିଥିଲେ ତାହା ଶାଶ୍ୱତହୋଇ ରହିପାରିଛି । ତାର କାରଣ ହେଉଛି, ସେମାନେ ଥିଲେ ସ୍ୱାଧୀନ ଚିନ୍ତକ ; କାହାର ଇଚ୍ଛାରେ ସେମାନେ ପରିଚାଳିତ ନ ହୋଇ ନିଜର ଜ୍ଞାନଭୂମିକୁ ବିକଶିତ କରୁଥିଲେ । ଈଶ୍ୱରଙ୍କଠାରେ ଧ୍ୟାନ ରଖି ଜଗତ ଓ ଜୀବନକୁ ଜ୍ଞାନ-ନେତ୍ରରେ ଦର୍ଶନ କରୁଥିଲେ । ସ୍ୱାଧୀନ ଚିନ୍ତା ସେମାନଙ୍କୁ କାଳର ଗ୍ରାସରୁ ମୁକ୍ତ ରଖିଆସିଛି ।

**ପ୍ରଶ୍ନ :**

(କ) କେଉଁଟି ଅଜ୍ଞତାର ପରିଚୟ ଦେଇଥାଏ ?

**ଉ :**

(ଖ) ମଣିଷ କିଭଳି ମନ୍ତବ୍ୟ ଦେବା ବିଧେୟ ?

ଉ :

(ଗ) ବିଜ୍ଞାନଯୁଗର ମଣିଷ କେଉଁ ଜିନିଷ ପ୍ରତି ଅବହେଳା କରିଚାଲିଛି ?

ଉ :

(ଘ) 'ଅଜ୍ଞତା' - ର ବିପରୀତ ଶବ୍ଦଟି କ'ଣ ?

ଉ :

(ଙ) ଅନୁଚ୍ଛେଦରେ କେଉଁ ଶବ୍ଦଟି 'ଚିରନ୍ତନ' କୁ ସୂଚାଉଛି ?

ଉ :

(b) ନିମ୍ନ ଅନୁଚ୍ଛେଦଟି ପାଠ କରି ଏଥି ସହ ସଂଯୁକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଦିଅ : ୧×୫ = ୫

ପୃଥିବୀର ବହୁ ଦେଶ ଅନ୍ଧକାରାଚ୍ଛନ୍ନ ଥିଲାବେଳେ ଭାରତବର୍ଷର ସଂସ୍କୃତି ଯେ ଅତି ଉନ୍ନତ ସ୍ତରରେ ଉପନୀତ ହୋଇଥିଲା, ଏ କଥା ନିଃସନ୍ଦେହଭାବରେ ପ୍ରତିପାଦିତ ହୋଇଛି । ସେ ସଂସ୍କୃତି ଏ ଜାତିର ଏକ ବିରାଟ ଗୌରବ । ପାଶ୍ଚାତ୍ୟ ଦେଶର ଲୋକେ ଏବଂ ସେ ବିଭବ ଓ ସମାଜ ଦ୍ୱାରା ପ୍ରଭାବିତ କେତେକ ଭାରତୀୟ ଯେତେବେଳେ ଏ ଦେଶର ସଭ୍ୟତାକୁ ହୀନ ସାବ୍ୟସ୍ତକରି, ସେ ଦେଶର ସଭ୍ୟତାକୁ ଲଦି ଦେବାଲାଗି ପ୍ରୟାସ କଲେ, ସେତେବେଳେ ତା'ର ପ୍ରତିରୋଧ ହିସାବରେ ଭାରତୀୟ ସଂସ୍କୃତି ଯେ ସର୍ବଶ୍ରେଷ୍ଠ, ଏ ମନୋଭାବ ସୃଷ୍ଟିହେବା ସ୍ୱାଭାବିକ । ସେ ପରିସ୍ଥିତି

କିନ୍ତୁ ବହୁଦିନ ତଳର କଥା । ତତ୍ପରେ ପାଶ୍ଚାତ୍ୟ ମନୀଷୀମାନେ ଭାରତୀୟ ସଂସ୍କୃତି ସମ୍ବନ୍ଧରେ ଯେଭଳି ପ୍ରଣିଧାନ ଏବଂ ଗବେଷଣା କରିଛନ୍ତି, ସେଥିରେ ଭାରତୀୟ ପଣ୍ଡିତମାନେ ଅଭିଭୂତ ହୋଇଯାଇଛନ୍ତି । ଜ୍ଞାନ କୌଣସି ଦେଶ, ଜାତି ବା କାଳର ଅନୁଗତ ନୁହେଁ । ବହୁ ପ୍ରୟାସକରି ଆଧୁନିକ ଜଗତର ସକଳ ପ୍ରକାର ଅଗ୍ରଗତି ବହୁକାଳ ପୂର୍ବେ ପ୍ରାଚୀନ ଭାରତରେ ସମ୍ପାଦିତ ହୋଇସାରିଥିଲା ବୋଲି ଆଶ୍ୱାସନା ସୃଷ୍ଟିକଲେ, ସାର ହେବ ଆଲୋକର ପଥରୋଧ ।

**ପ୍ରଶ୍ନ :**

(କ) ଭାରତୀୟ ସଂସ୍କୃତିର କାହିଁକି ଜୟଗାନ କରାଯାଏ ?

**ଉ :**

(ଖ) ଭାରତୀୟ ସଂସ୍କୃତିର ଶ୍ରେଷ୍ଠତ୍ୱ କିପରି ପ୍ରମାଣିତ ହୋଇଥାଏ ?

**ଉ :**

(ଗ) କେଉଁ ଜିନିଷଟି କାଳର କରାଗତ ନୁହେଁ ?

**ଉ :**

(ଘ) କେଉଁ ଶବ୍ଦଟି 'ପ୍ରଣିଧାନ'ର ଅର୍ଥକୁ ସୂଚାଉଛି ?

(i) ମନୋନିବେଶ

(ii) ପୁରୁଣା

(iii) ଗୁପ୍ତ

(iv) ପ୍ରାଚୀନ

**ଉ :**

(ଙ) କେଉଁ ସନ୍ଧିବିଚ୍ଛେଦଟି 'ଗୌରବ' କୁ ବୁଝାଉଛି ?

(i) ଗୌ + ରବ

(ii) ଗୁରୁ + ଅ

(iii) ଗୌର + ବ

(iv) ଗୁରୁ + ବ

ଉ :

(c) ନିମ୍ନ ଅନୁଚ୍ଛେଦଟି ପାଠ କରି ଏଥି ସହ ସଂଯୁକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଦିଅ : ୧×୫ = ୫

ଭାରତରେ ଜାତୀୟତା ଗଠନର ନାନା ଅନ୍ତରାୟ ରହିଅଛି । ନାନା ଭାଷା, ନାନା ଧର୍ମ, ନାନାବିଧ ଆଚାର ବ୍ୟବହାର ଯୋଗୁଁ ଭାରତୀୟମାନଙ୍କ ମଧ୍ୟରେ ଏତେ ପାର୍ଥକ୍ୟ ରହିଅଛି ଯେ, ଭାରତର ଜାତୀୟତା ଏକାବେଳେ କେ କେହି କେହି ଅସମ୍ଭବ ମନେ କରନ୍ତି । ସେଥିରେ ପୁଣି କୌଣସି ଏକ ପ୍ରଦେଶ ବା ଅଞ୍ଚଳରେ ସେହି ପ୍ରକାର ଭେଦ ଘଟିଲେ ଭାରତର ଜାତୀୟ ସମସ୍ୟା ଅଧିକ ଦୁଃସାଧ ଏବଂ ଜଟିଳ ହେବ । ଏକ ପ୍ରଦେଶରେ ବାସକରି ସମସ୍ତ ଶ୍ରେୟଃ ସ୍ୱାର୍ଥ ମାୟା-ମମତା ତାହା ସଙ୍ଗେ ମିଶାଇ ନ ଦେଇ ଯେଉଁମାନେ ସ୍ୱତନ୍ତ୍ର ସ୍ୱାର୍ଥ ଏବଂ ସ୍ୱତନ୍ତ୍ରତା ଦାବୀ କରନ୍ତି, ସେମାନେ ସେ ପ୍ରଦେଶର ଉନ୍ନତି ପଥରେ କଣ୍ଟକ । ନିଜର ସଂକୀର୍ଣ୍ଣ ଆପାତ ସ୍ୱାର୍ଥଲାଗି ଅନ୍ୟ ଜାତିର ଉନ୍ନତିରେ ଅନ୍ତରାୟ ଏବଂ ଏକ ପ୍ରଦେଶ ମଧ୍ୟରେ ସ୍ୱାର୍ଥର ଅନୈକ୍ୟ ଘଟାଇବା ଦ୍ୱାରା ଭାରତର ସମୂହ କଲ୍ୟାଣର ଶତ୍ରୁ, ସୁତରାଂ ପରିଣାମରେ ଆତ୍ମଘାତୀ । ଅତଏବ ପ୍ରାକୃତିକ ଓଡ଼ିଶାରେ ଯେଉଁ ବିଭିନ୍ନ ଶ୍ରେଣୀ ସମ୍ପ୍ରଦାୟର ଲୋକେ ବାସକରି ଏହାକୁ ନିଜ ଦେଶ ବୋଲି ଗ୍ରହଣ କରିଅଛନ୍ତି, ସେ ସମସ୍ତଙ୍କ ସମ୍ମିଳନରେ ଯେଉଁ ଓଡ଼ିଆ ଜାତି ସଂଗଠିତ, ତାହାର ଜାତୀୟତା ବିକାଶ ସମ୍ମିଳନୀର ଉଦ୍ଦେଶ୍ୟ ।

**ପ୍ରଶ୍ନ :**

(କ) ବିଭିନ୍ନ ପ୍ରକାରର ଭାଷା, ଧର୍ମ ଆଦି ଯୋଗୁଁ ଭାରତୀୟମାନଙ୍କ ଭିତରେ କ'ଣ ଦୃଷ୍ଟିଗୋଚର ହୋଇଥାଏ ?

ଉ :

(ଖ) 'ଅନ୍ତରାୟ' ର ପ୍ରକୃତ ଅର୍ଥକୁ ନିମ୍ନର କେଉଁ ଶବ୍ଦ ସୂଚାଉଛି ?

(i) ନିମ୍ନ

(ii) ବାଧା

(iii) ଶତ୍ରୁ

(iv) ସ୍ୱାର୍ଥ

ଉ :

(ଗ) କେଉଁମାନେ ଉନ୍ନତି ପଥରେ ଅନ୍ତରାୟ ?

ଉ :

(ଘ) ଓଡ଼ିଆ ଜାତି କିପରି ସୁସଂଗଠିତ ?

ଉ :

(ଙ) 'ସଂକୀର୍ଣ୍ଣ' ର ଅର୍ଥ କେଉଁଟିକୁ ସୂଚାଉଛି ?

(i) କ୍ଷୁଦ୍ର

(ii) ପ୍ରଶସ୍ତ

(iii) ଅଣଓସାରିଆ

(iv) ସ୍ୱାର୍ଥପର

ଉ :

## GROUP – B

୨. ନିମ୍ନ ଅନୁଚ୍ଛେଦଟି ପାଠକରି ଏକ ତୃତୀୟାଂଶ ଶବ୍ଦରେ ଏହାର ସଂକ୍ଷିପ୍ତସାର ପ୍ରସ୍ତୁତ କର ଏବଂ ଏହାର ଏକ ଉପଯୁକ୍ତ ଶୀର୍ଷକ ଉଲ୍ଲେଖ କର : $୭\frac{୧}{୨}$

ଇଂ 1903 ମସିହା ଡିସେମ୍ବର ମାସ 30 ଓ 31 ତାରିଖ ଦୁଇଦିନ ଧରି କଟକଠାରେ ଉତ୍କଳସମ୍ମିଳନୀର ଯେଉଁ ପ୍ରଥମ ଅଧିବେଶନ ବସିଥିଲା, ସେଥିରେ ସାରା ଓଡ଼ିଶାର ରାଜାରାଜୁଡାଙ୍କଠାରୁ ଆରମ୍ଭ କରି ସାଧାରଣ ଚାଷୀ ମୂଲିଆ ପର୍ଯ୍ୟନ୍ତ ଅନେକେ, ଏପରି କି ଓଡ଼ିଶା ବାହାରୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଲୋକମାନେ ମଧ୍ୟ ବିପୁଳ ସଂଖ୍ୟାରେ ଯୋଗଦେଇଥିଲେ । ଓଡିଶା ବାହାରୁ ମୋଟରେ 335 ଜଣ ପ୍ରତିନିଧି ଉତ୍କଳ ସମ୍ମିଳନୀର ଏହି ପ୍ରଥମ ଅଧିବେଶନରେ ଯୋଗଦେଇଥିଲେ । ଅଧିବେଶନର ଅଙ୍ଗ ସ୍ୱରୂପ ଗୋଟିଏ କୃଷି ଓ ଶିଳ୍ପ ପ୍ରଦର୍ଶନୀ ମଧ୍ୟ ସେଠାରେ ଖୋଲାଯାଇଥିଲା । ଓଡ଼ିଶା ଭାଷାଭାଷୀ ବିଚ୍ଛିନ୍ନାଞ୍ଚଳଗୁଡ଼ିକର ଏକତ୍ରିକରଣ ନିମନ୍ତେ ନାନା ବିଚାର - ଆଲୋଚନା ଛଡ଼ା, ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ ସମସ୍ୟା ନେଇ ନାନାକଥା ମଧ୍ୟ ସେଥର ଅଧିବେଶନ ମଣ୍ଡପରେ ଆଲୋଚିତ ହୋଇଥିଲା । 1920 ମସିହାରେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନକ୍ରମେ ଅସହଯୋଗ ଆନ୍ଦୋଳନକୁ କର୍ମସୂତ୍ର ରୂପେ ଗ୍ରହଣ କରିନେଇ 'ଉତ୍କଳ ସମ୍ମିଳନୀ' ଭାରତୀୟ ଜାତୀୟ ଆନ୍ଦୋଳନ ସହିତ ଏକ ପ୍ରକାର ମିଳିତ ହୋଇଯାଇଥିଲା ; କିନ୍ତୁ ସେ ପର୍ଯ୍ୟନ୍ତ ଉତ୍କଳ ସମ୍ମିଳନୀ ବରାବର ତା'ର ସ୍ୱତନ୍ତ୍ରସତ୍ତା ବଜାୟ ରଖିଥିଲା । ଏହା ବସ୍ତୁତଃ ଜାତି, ବର୍ଣ୍ଣ, ଭାଷା ଓ ଅଞ୍ଚଳ ନିର୍ବିଶେଷରେ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ବାସକରୁଥିବା ଲୋକମାନଙ୍କର ଏକ ସାର୍ବଜନୀନ ମହାସଭା ଥିଲା । ବିଚ୍ଛିନ୍ନାଞ୍ଚଳଗୁଡ଼ିକ ସମେତ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ଶାସନାଧିନ କରିବାକୁ କେବଳ ଯେ ଉତ୍କଳ ସମ୍ମିଳନୀ ଲାଗିପଡ଼ିଥିଲା ତାହା ନୁହେଁ ; ଓଡ଼ିଶାରେ ବ୍ୟବସାୟଗତ ଶିକ୍ଷାର ପ୍ରସାର ଓ ସର୍ବୋପରି ଓଡ଼ିଶାର ସାଂସ୍କୃତିକ ଓ ରାଜନୈତିକ ଜାଗୃତି ଆଦି ପ୍ରତ୍ୟେକ ବିଷୟରେ ଉତ୍କଳ ସମ୍ମିଳନୀ ବରାବର ସଚେଷ୍ଟ ରହିଥିଲା । ଭାରତୀୟ ଜାତୀୟ କଂଗ୍ରେସ ଅସ୍ପୃଶ୍ୟତା ନିବାରଣ ସମ୍ପର୍କରେ ସିଦ୍ଧାନ୍ତ ଗ୍ରହଣ କରିବା ପୂର୍ବରୁ ଏବଂ ସାମାଜିକ ଓ ରାଜନୈତିକ ପରିସରରେ ସ୍ୱଦେଶୀର ପ୍ରୟୋଗ ପ୍ରବର୍ତ୍ତନ କରିବା ପୂର୍ବରୁ ଉତ୍କଳ ସମ୍ମିଳନୀ ଏ ଦିଗରେ ଉଦ୍ୟମର ସୂତ୍ରପାତ କରିସାରିଥିଲା ।

**ଉ :**

## GROUP – C

୩. ନିର୍ଦ୍ଦେଶାନୁସାରେ ଉତ୍ତର ଦିଅ : $\frac{୧}{୨} \times ୧୨ = ୬$

(କ) ଓଡ଼ିଆରେ କେତୋଟି ବର୍ଗ୍ୟ ବ୍ୟଞ୍ଜନ ବର୍ଣ୍ଣର ବ୍ୟବହାର ଦେଖାଯାଏ ?

ଉ :

(ଖ) ସଂସ୍କୃତମୂଳ ଓଡ଼ିଆ ଶବ୍ଦକୁ କ'ଣ କୁହାଯାଏ ?

ଉ :

(ଗ) 'ଛାତ୍ରମାନେ ବସ୍ ରେ କଟକରୁ ଗାଁକୁ ଗଲେ', ଏ ବାକ୍ୟରେ କେତୋଟି ପଦ ବ୍ୟବହୃତ ହୋଇଛି ?

ଉ :

(ଘ) ଯେଉଁ ପଦ ଅନ୍ୟ ଏକ ପଦ, ଏକାଧିକ ପଦ ବା ବାକ୍ୟ ପରିବର୍ତ୍ତେ ବ୍ୟବହୃତ ହୁଏ ତାକୁ କ'ଣ କୁହାଯାଏ ?

ଉ :

(ଙ) ବିନୋଦ ବିପିନକୁ ଡାଳରେ ବାଡେଇଲା, ରେଖାଙ୍କିତ ପଦରେ କେଉଁ କାରକ ହୋଇଛି ?

ଉ :

(ଚ) 'ରଜପର୍ବରେ ଗ୍ରାମେଗ୍ରାମେ ଦୋଳି ଖେଳର ମହୋତ୍ସବ', - ଏ ବାକ୍ୟରେ 'ଗ୍ରାମେଗ୍ରାମେ' ଠାରେ କେଉଁ ଅର୍ଥରେ ସପ୍ତମୀ ବିଭକ୍ତି ହୋଇଛି ?

ଉ :

(ଛ) 'ଶୁଣିବା' କ୍ରିୟାର ମିଶ୍ର କ୍ରିୟା ରୂପ କ'ଣ ?

ଉ :

(ଜ) ଯେଉଁ ପଦ କ୍ରିୟାର ଗୁଣ ବା ଅବସ୍ଥା ପ୍ରକାଶ କରେ ତାକୁ କ'ଣ କୁହାଯାଏ ?

ଉ :

(ଝ) ମାଘ, ଝୁଲଣ, ମାଗଧ ଆଦି ଶବ୍ଦ ମଧ୍ୟରୁ କେଉଁଟି କୃଦନ୍ତ ?

ଉ :

(ଞ) ନୈୟାୟିକ ଶବ୍ଦ କିପରି ଗଠିତ ହୋଇଛି ?

ଉ :

(ଟ) ଯେତେବେଳେ ପ୍ରବଳ ବର୍ଷା ହେଉଥିଲା, ସେତେବେଳେ ସମସ୍ତେ ନିଜନିଜର ଘରେ ଆଶ୍ରୟ ନେଇଥିଲେ । ଏହା କେଉଁ ପ୍ରକାର ବାକ୍ୟ ?

ଉ :

(ଠ) ଘରେ ନ ପଶୁଣୁ ଚାଳ ବାଜିବା ରୁଢ଼ିର ଅର୍ଥ କ'ଣ ?

ଉ :

୪. ସନ୍ଧି ବିଚ୍ଛେଦ କର : $\frac{୧}{୨} \times ୪ = ୨$

(କ) ଦେବର୍ଷି

ଉ :

(ଖ) ସୂର୍ଯ୍ୟୋଦୟ

ଉ :

(ଗ) ଚଳଚ୍ଚିତ୍ର

ଉ :

(ଘ) ସଂକଳନ

ଉ :

୫. ବ୍ୟାସବାକ୍ୟ ସହ ସମାସର ନାମ ଲେଖ : $\frac{୧}{୨} \times ୪ = ୨$

(କ) ନିଘଞ୍ଚ

ଉ :

(ଖ) ଜ୍ଞାନାଲୋକ

ଉ :

(ଗ) ପଦ୍ମାକ୍ଷ

ଉ :

(ଘ) ମୁଖକମଳ

ଉ :

୬. ଯେକୌଣସି **ଚାରିଗୋଟି** ଶବ୍ଦର ଅର୍ଥଲେଖି ସେଗୁଡ଼ିକୁ ବାକ୍ୟରେ ବ୍ୟବହାର କର : $\frac{୧}{୨} \times ୪ = ୨$

(କ) ଭୂମା

(ଖ) ପ୍ରାଞ୍ଜଳ

(ଗ) ଉପାଦେୟ

(ଘ) ଉଦାସୀନ

(ଙ) ପରିଣାମ

(ଚ) ଅନୈନ୍ୟ

୭. ଯେକୌଣସି **ଚାରିଗୋଟି** ଶବ୍ଦର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ : $\frac{୧}{୨}$ ×୪ = ୨

(କ) କନ୍ଦର୍ପ

(ଖ) କାକ

(ଗ) ଦିନ

(ଘ) ନଦୀ

(ଙ) ପବନ

(ଚ) ପକ୍ଷୀ

୮. ଯେକୌଣସି **ଚାରିଗୋଟି** ଶବ୍ଦର ଅଶୁଦ୍ଧି ସଂଶୋଧନ କର : $\frac{୧}{୨}$ ×୪ = ୨

(କ) ସ୍ୱର୍ଗତଃ

(ଖ) ପ୍ରହ୍ଣତାଶ

(ଗ) ସଶାଙ୍କିତ

(ଘ) ଯଦ୍ୱାରା

(ଙ) ମନଦୁଃଖ

(ଚ) ବିଷର୍ଣ୍ଣ

୯. ନିମ୍ନରୁ ଯେକୌଣସି **ଚାରିଗୋଟି** ବିଶେଷଣ ପଦର ଉପଯୁକ୍ତ ବିଶେଷ୍ୟ ପଦ ଲେଖି ବାକ୍ୟଗଠନ କର : $\frac{୧}{୨} \times ୪ = ୨$

(କ) ଓଜସ୍ୱିନୀ

(ଖ) ଧାର୍ମିକ

(ଗ) ନିପଟ

(ଘ) ପ୍ରଧାନ

(ଙ) ବୃହତ୍ତମ

(ଚ) ସଜ

୧୦. ଯେକୌଣସି **ଚାରୋଟି**କୁ ଏକପଦରେ ପ୍ରକାଶ କର : $\frac{୧}{୨} \times ୪ = ୨$

(କ) ଯଶ ଅଛି ଯାହାର

(ଖ) ସାଧୁର ଭାବ

(ଗ) ଭୋଜନ କରିବାର ଇଚ୍ଛା

(ଘ) ଉପକାର କରେ ଯେ

(ଙ) ଯେ ଜଳୁଅଛି

(ଚ) ଦାନର ଯୋଗ୍ୟ

## GROUP – D

୧୧. ନିମ୍ନ ଅନୁଚ୍ଛେଦଟିକୁ ଓଡ଼ିଆରେ ଅନୁବାଦ କର : ୭ ୧/୨

Life is a stage for celebration, you have your pavents, family, friends, known and unknown people around you, Share your failure and achievements with them. unfortunate happenings will be there. Face those with equal ease. Embrace the odds of life. Laugh at them. Don't be so passionate when you have every thing with you. They are there to vanish away one day. But the moment in which you are living with the sorroundings is the only source of enjoyment. Love yourself, love your work, love people around you, love the trees around you, love the fountains, and the world will be beautiful and worth living.

ଉ :

# PAPER – II

## General English

*Time : $1\frac{1}{4}$ hours* *Full Marks : 50*

*Answer **all** questions from **all** the Groups.*

### GROUP – A

1. Read the following paragraphs and answer the questions given below : $\frac{1}{2}\times5 = 7\frac{1}{2}$

Gandhi never contented himself with large political or economic solutions. He saw the cultural and social backwardness in the Champaran villages and wanted to do something about it immediately. He appealed for teachers. Mahadev Desai and Narhari Parikh, two young men, who had just joined Gandhi as disciples, and their wives, volunteered for the work. Several more came from Bombay, Poona and other distant parts of the land. Devadas, Gandhi's youngest son, arrived from the ashram and so did Kasturbai. Primary schools were opened in six villages. Kasturbai taught the ashram rules on personal cleanliness and community sanitation.

Health conditions were miserable. Gandhi got a doctor to volunteer his services for six months. Three medicines were available — castor oil, quinine and sulphur ointment. Anybody who showed a coated tongue was given a dose of castor oil ; anybody with malaria fever received quinine plus castor oil ; anybody with skin eruptions received ointment plus castor oil.

Gandhi noticed the filthy state of women's clothes. He asked Kasturbai to talk to them about it. One woman took Kasturbai into her hut and said, "Look, there is no box or cupboard here for clothes. The sari I am wearing is the only one I have."

(i) What did Gandhi want to do immediately in Champaran villages ?

**Ans :**

(ii) What did Kasturbai teach in Champaran villages ?

**Ans :**

(iii) How were patients with malaria fever treated ?

**Ans :**

(iv) Why did the woman wear a dirty sari ?

**Ans :**

(v) Who joined as volunteers to help Gandhi in his work in Champran villages ?

**Ans :**

2. Read the following paragraphs and answer the questions given below : $\frac{1}{2}\times5 = 7\frac{1}{2}$

Patriotism is an old concept, as old perhaps as the earliest of human civilisations. In the best classical sense, it is immense love for one's country. It also implies devotion to and vigorous support for one's country. A true patriot has not only special affection for the country but also special concern for the well being of the country. At the same time, he is willing to sacrifice himself for the country's good. Patriotism is important for the peace and harmony of the country. It helps in keeping away selfish motives of corruption from the country. But all through the history of mankind, it has often been narrowly understood. Some people think their own country to be the best and are blind to its weaknesses. They are not patriots at all. They should realise that the whole world is a large human family and the selfish love for their own country should be conditioned by respect for the whole human race. Narrow sense of nationalism can do nothing good but bring misfortune to the modern world.

(i) What is the classical concept of patriotism ?

**Ans :**

(ii) Who is characterised as a true patriot ?

**Ans :**

(iii) How is patriotism essential for a country ?

**Ans :**

(iv) What kind of people are not considered patriots by the writer ?

**Ans :**

(v) What is 'narrow sense of nationalism' ? How does it affect the modern world ?

**Ans :**

3. Write a precis of the following passage in about 70 words and suggest a suitable title to it : $7\frac{1}{2}$

Sanskrit, however, proved a harder task. In geometry there was nothing to memorize, whereas in Sanskrit, I thought, everything had to be learnt by heart. This subject also commenced from the fourth standard. As soon as I entered the sixth, I became disheartened. The teacher was a hard task master, anxious, as I thought, to force the boys. There was a sort of rivalry going on between the Sanskrit and the Persian teachers. The Persian teacher was lenient. The boys used to talk among themselves that Persian was easy and the Persian teacher was very good and considerate to the students. The 'easiness' tempted me and one day I sat in the Persian class. The Sanskrit teacher was grieved. He called me to his side and said : How can you forget that you are the son of a Vaishnava father ? Won't you learn the language of your own religion ? If you have any difficulty, why not come to me ? I want to teach you students Sanskrit to the best of my ability. As you proceed further, you will find in it, things of absorbing interest. You should not lose heart. Come and sit again in the Sanskrit class.

**Ans :**

## GROUP – B

4. Do as directed : $\frac{1}{2}\times 40 = 20$

(i) Write one word for : "a system of government of the people, by the people, for the people".

**Ans :**

(ii) Write a synonym for 'courteous'.

**Ans :**

(iii) Write the antonym of 'famous'.

**Ans :**

(iv) The government is taking steps to ______________ the temple premises.

(Fill in the blank with the correct form of 'beauty')

(v) ______________ of a nation depends on the character of its people.

(Fill in the blank with the correct form of 'prosper')

(vi) All that ______________ is not gold.

(Fill in the blank with the correct form of 'glitter')

(vii) The trainer is working hard to ______________ his team win a medal.

(Complete the sentence using the correct form of the word 'able')

(viii) The man at the mike is giving a running ______________ on the wrestling match.

(Complete the sentence using the correct form of the word 'comment')

(ix) The boy's ______________ was disappointing for his parents.

(Fill in the blank with the correct form of the word 'fail')

(x) My friend made such a funny face that I could not but ______________.

(Complete the sentence using the correct form of the word 'laugh')

(xi) My neighbour is not helpful. My neighbour is not modest.

(Combine these two sentence into a single sentences using 'neither ..... nor')

**Ans :**

(xii) As soon as he realised his mistake, he said, "sorry".

(Rewrite the sentence using "No sooner .......")

**Ans :**

(xiii) Ananya has taken a dip in the river. Her friend have also taken a dip in the river.

( Combine these two sentences into a single sentence using "as well as")

**Ans :**

(xiv) The match was postponed to next Monday.

(Rewrite the sentence using a phrasal verb)

**Ans :**

(xv) Shakespeare is an eminent poet. Shakspeare is an outstanding play wright.

(Combine these two sentences into a single sentence using 'not only.... but also')

**Ans :**

(xvi) If you don't take an umbrella with you, you will get wet.

(Rewrite the sentence using 'unless')

**Ans :**

(xvii) I have never been to Nandankanan.

(Rewrite the sentence beginning it with 'Never')

**Ans :**

(xviii) This is the ______________ story I have ever read.

(Complete the sentence using the superlative form of 'bad')

(xix) He is too slow to win the race. (Rewrite the sentence removing 'too')

**Ans :**

(xx) He walked to the telephone last night leisurely to answer the call.

(Rewrite the sentence using the words in their proper order)

**Ans :**

(xxi) While crossing the road, Hari (meet) with an accident.

(Write correct tense of the verb given in bracket)

**Ans :**

(xxii) If I had money, I (help) you.

(Write correct tense of the verb given in bracket)

**Ans :**

(xxiii) Flour is made ________________ wheat . (Write the preposition)

(xxiv) We see ________________ our eyes. (Write the preposition)

(xxv) Anyone can answer this question. (Change the voice)

**Ans :**

(xxvi) Who has stolen your money ? (Change the voice)

**Ans :**

(xxvii) We ________________ help the needy. (Write the modal auxiliary)

(xxviii) I read ________________ Indian Express every day.

(Write an article, if required)

(xxix) ________________ Bible is a holy book. (Write an article, if required)

(xxx) You go to school. You go home. (Join the sentences using Either .... or)

**Ans :**

(xxxi) Hari is a good student. Gopal is a good player.

(Join the sentences using 'But')

**Ans :**

(xxxii) Sita said, 'What a beautiful scenery !' Change into indirect speech)

**Ans :**

(xxxiii) Mita said, "The earth is round." (Change into indirect speech)

**Ans :**

(xxxiv) My friend lost in the fair. (Correct the error, if there is any)

**Ans :**

(xxxv) If I am a bird, I would fly. (Correct the error, if there is any)

**Ans :**

(xxxvi) One who loves mankind. (Write one word for this expression)

**Ans :**

(xxxvii) A book written by an unknown author. (Write one word for this expression)

**Ans :**

(xxxviii) The army <u>surrendered</u> to the enemy soldiers.

(Write 'phrasal verb' in place of the underlined word)

**Ans :**

(xxxix) You should reach your office by time. (Correct the error, if there is any)

**Ans :**

(xL) Harish is the best student of the class.

(Change into a negative sentence without changing the meaning)

**Ans :**

## GROUP – C

5. Translate the following paragraph into English : $7\frac{1}{2}$

ଆଜିକାଲି ନିଜ ପୁଅ, ବୋହୂ, ସାଙ୍ଗସାଥୀ କାହାରିକୁ ବୁଝିପାରନ୍ତି ନାହିଁ ନାରଣ ଦାସ । ସମସ୍ତେ ଯେମିତି ସୁଖ ନାମକ ଶୁକ ପକ୍ଷୀଟିକୁ, ନିଜ ପଞ୍ଜୁରିରେ ଭର୍ତ୍ତି କରିବା ପାଇଁ ଧଇଁସଇଁ ହୋଇ ଧାଇଁଛନ୍ତି । କେଉଁଟା ନ୍ୟାୟ, କେଉଁଟା ଅନ୍ୟାୟ ସେକଥା ବୁଝିବା ପାଇଁ ସେମାନଙ୍କର ସମୟ ନାହିଁ, ସେଇ ସ୍ୱାର୍ଥପର ମଣିଷଙ୍କ ମେଳରେ ନିଜକୁ ବଡ ଏକୁଟିଆ ମନେ କରନ୍ତି । ଅତି ଆପଣାର ଲୋକ ବି ତାଙ୍କୁ ଅଚିହ୍ନା ଅଚିହ୍ନା ମନେ ହୁଅନ୍ତି । ତାଙ୍କର ଧାରଣା ହୁଏ ସେ ପହଲି ମହାରଣା, ଗୋକୁଳି ଭୋଳ ଭଳି ଜେଲରେ ଶହୀଦ ହୋଇଯାଇଥିଲେ ବଞ୍ଚିଯାଇଥାନ୍ତେ । ମହାତ୍ମା ଗାନ୍ଧୀ ବି ଆତତାୟୀ ହାତରେ ମରି ବଞ୍ଚିଗଲେ । ସେ ବଞ୍ଚି ରହିଲେ କେବଳ ମରଣ ଯନ୍ତ୍ରଣା ଭୋଗ କରିବା ପାଇଁ ।

**Ans :**

SEAL